# NATIONAL NEWS BULLETIN (ODIA)
## 31 December - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟିର ଦୁଇଟି ରାଜପଥ ପ୍ରକଳ୍ପକୁ ମଞ୍ଜୁରୀ

– ଓଡ଼ିଶାରେ ୩୨୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ ପାଇଁ ଖର୍ଚ୍ଚ ହେବ ୧ ହଜାର ୫୨୬ କୋଟି ୨୧ ଲକ୍ଷ ଟଙ୍କା

- ଓଡ଼ିଶା ଉପକୂଳରେ ଗୋଟିଏ ଲଞ୍ଚରରୁ ଦୁଇଟି ପ୍ରଳୟ କ୍ଷେପଣାସ୍ତ୍ରର ସଫଳ ଉତ୍କ୍ଷେପଣ କଲା ଡି.ଆର୍.ଡି.ଓ
- ନୂତନ ବର୍ଷ ୨୦୨୬ର ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି
- ଭି.ବି-ଜି.ରାମ.ଜି. ଆଇନ-୨୦୨୫ ଅନୁଯାୟୀ ମନରେଗାରେ ନିୟୋଜିତ ଶ୍ରମିକମାନଙ୍କ ନିଯୁକ୍ତି ସମ୍ପୂର୍ଣ ସୁରକ୍ଷିତ; କହିଲେ ବିଭାଗୀୟ ମନ୍ତ୍ରୀ

ଏବଂ

- ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ଖାଲିଦା ଜିଆଙ୍କ ଶେଷକୃତ୍ୟ ସମ୍ପନ୍ନ; ଯୋଗଦେଲେ ଭାରତର ବୈଦେଶିକ ମନ୍ତ୍ରୀ

# କ୍ୟାବିନେଟ୍– ଡିସିସନ୍ସ

କେନ୍ଦ୍ର କ୍ୟାବିନେଟ୍ ଆଜି ଦୁଇଟି ରାଜପଥ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ସେଗୁଡ଼ିକ ମଧ୍ୟମରେ ୬ ଲେନ୍ ବିଶିଷ୍ଟ ନାସିକ୍–ସୋଲାପୁର କରିଡର ଏବଂ ଓଡ଼ିଶାର ୩୨୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ ରହିଛି। ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ମହାରାଷ୍ଟ୍ରର ନାସିକ–ସୋଲାପୁର–ଅକ୍କଲକୋଟ କରିଡର ନିର୍ମାଣକୁ ମଞ୍ଜୁରି ଦେଇଛନ୍ତି। ୩୭୪ କିଲୋମିଟର ଏହି ରାଜପଥ ପାଇଁ ୧୯ ହଜାର ୧୪୨ କୋଟି ଟଙ୍କା ବିନିଯୋଗ କରାଯିବ। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ନାସିକ, ଅହଲ୍ୟାନଗର, ସୋଲାପୁର ଭଳି ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସହରଗୁଡ଼ିକୁ କୁର୍ଣ୍ଣୁଲ ସହ ସଂଯୋଗ କରିବ। ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ନୀତି ଅନୁଯାୟୀ, ସମନ୍ୱିତ ପରିବହନ ଭିତ୍ତିଭୂମି ବିକାଶ କରିବା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**V/O–ASHWINI-CABINET-NASIK-SOLAPUR**

୬ ଲେନ୍ ବିଶିଷ୍ଟ ନାସିକ୍–ସୋଲାପୁର–ଅକ୍କଲକୋଟ କରିଡର ନିର୍ମାଣ ହେଲେ ଯାନବାହନଗୁଡ଼ିକ ଘଣ୍ଟା ପ୍ରତି ୬୦ରୁ ୧୦୦ କିଲୋମିଟର ବେଗରେ ଗତି କରିପାରିବ। ଯାହା ଯାତ୍ରା ସମୟକୁ ୧୭ ଘଣ୍ଟା ହ୍ରାସ କରିବ। ଏହି ପ୍ରକଳ୍ପ ପ୍ରାୟ ୨୫୧ ଦଶମିକ ୦/୬ ଲକ୍ଷ ପ୍ରତ୍ୟକ୍ଷ ମାନବ ଦିବସ ନିଯୁକ୍ତି ପ୍ରଦାନ କରିବା ସହ ୩୧୩ ଦଶମିକ ୮/୩ ଲକ୍ଷ ପରୋକ୍ଷ

ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ କରିଡର ନିକଟବର୍ତ୍ତୀ ଅଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଫଳରେ ଆହୁରି ଅତିରିକ୍ତ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ସେହିପରି ସରକାର ଓଡ଼ିଶାରେ ୩୨୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ ପାଇଁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୋଟ୍ ୧ ହଜାର ୫୨୬ କୋଟି ୨୧ ଲକ୍ଷ ଟଙ୍କା ପୁଞ୍ଜିବିନିଯୋଗ ହେବ। ଶ୍ରୀ ବୈଷ୍ଣବ କହିଛନ୍ତି, ୩୨୬ ନମ୍ବର ଜାତୀୟ ରାଜପଥର ଯାତ୍ରାକୁ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ନିର୍ଭରଯୋଗ୍ୟ କରିବା କ୍ଷେତ୍ରରେ ଏହି ପ୍ରକଳ୍ପ ସହାୟକ ହେବ। ଏଥିସହ ଦକ୍ଷିଣ ଓଡ଼ିଶାର ସାମଗ୍ରୀକ ବିକାଶ ହେବ।  ଗଜପତି, ରାୟଗଡ଼ା ଏବଂ କୋରାପୁଟର ଆକାଂକ୍ଷୀ ଓ ଆଦିବାସୀ ଜିଲ୍ଲାଗୁଡ଼ିକ ଏହାଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ଉନ୍ନତ ସଡ଼କ ସଂଯୋଗୀକରଣ, ସ୍ଥାନୀୟ ଜନସାଧାରଣଙ୍କୁ ଲାଭ ପହଁଞ୍ଚାଇବା ସହ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକୁ ବଜାର, ସ୍ୱାସ୍ଥ୍ୟସେବା ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଡିଆରଡିଓ–ମିସାଇଲ୍

ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ–ଡି. ଆର୍.ଡି.ଓ. ଓଡ଼ିଶା ଉପକୂଳରୁ ଗୋଟିଏ ଲଞ୍ଚରରୁ ଗୋଟିକ ପରେ ଗୋଟିଏ ଦୁଇଟି ଦ୍ରୁତଗାମୀ ପ୍ରଳୟ କ୍ଷେପଣାସ୍ତ୍ରର ସଫଳ ଉତକ୍ଷେପଣ କରିଛି। ବ୍ୟବହାରକାରୀଙ୍କ ମୂଲ୍ୟାଙ୍କନ ପରୀକ୍ଷଣର ଅଂଶସ୍ୱରୂପ ଏହି ପରୀକ୍ଷଣ

କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଉଭୟ କ୍ଷେପଣାସ୍ତ୍ର ସମସ୍ତ ଉଡ଼ାଣ ଉଦ୍ଦେଶ୍ୟ ପୂରଣ କରୁଥିବା ନିର୍ଦ୍ଦିଷ୍ଟ ଗତିପଥ ଅନୁସରଣ କରିଥିଲା ଯାହା ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ କେନ୍ଦ୍ର ଦ୍ୱାରା ନିୟୋଜିତ ଟ୍ରାକିଂ ସେନ୍ସର୍ ଦ୍ୱାରା ନିଶ୍ଚିତ ହୋଇଛି। ଲକ୍ଷ୍ୟସ୍ଥଳ ନିକଟରେ ନିୟୋଜିତ ଜାହାଜରେ ସ୍ଥାପିତ ଟେଲିମେଟ୍ରି ସିଷ୍ଟମ୍ ଦ୍ୱାରା ଟର୍ମିନାଲ୍ ଇଭେଣ୍ଟଗୁଡିକ ନିଶ୍ଚିତ କରାଯାଇଥିଲା। ପ୍ରଳୟ ହେଉଛି ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବିଧ୍ୱଂସୀ କ୍ଷେପଣାସ୍ତ୍ର ଯାହା ସଠିକତାର ସହ ଲକ୍ଷ୍ୟସ୍ଥଳ ଭେଦ କରିବାର କ୍ଷମତା ରଖେ। ଏହି କ୍ଷେପଣାସ୍ତ୍ର ବିଭିନ୍ନ ଲକ୍ଷ୍ୟ ବିରୁଦ୍ଧରେ ଏକାଧିକ ପ୍ରକାରର ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ। ଅନ୍ୟ ଡି.ଆର୍.ଡି.ଓ. ପରୀକ୍ଷାଗାରମାନଙ୍କ ସହଯୋଗରେ ହାଇଦ୍ରାବାଦର ଗବେଷଣା କେନ୍ଦ୍ର ଇମାରତ୍ ଦ୍ୱାରା ଏହି କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି।

ଏହି ପରୀକ୍ଷଣକୁ ଡି.ଆର୍.ଡି.ଓ.ର ବରିଷ୍ଠ ବୈଜ୍ଞାନିକ, ଭାରତୀୟ ବାୟୁସେନା ଏବଂ ଭାରତୀୟ ସେନାର ବ୍ୟବହାରକାରୀଙ୍କ ପ୍ରତିନିଧି ତଥା ବିକାଶ ତଥା ଉତ୍ପାଦନ ଅଂଶୀଦାରଙ୍କ ସମେତ ଶିଳ୍ପ ପ୍ରତିନିଧିମାନେ ନିରୀକ୍ଷଣ କରିଥିଲେ। ଦ୍ରୁତ ଗତିରେ କ୍ଷେପଣାସ୍ତ୍ରର ସଫଳ ଉତକ୍ଷେପଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ' ଡି.ଆର୍.ଡି.ଓ., ଭାରତୀୟ ବାୟୁସେନା, ଭାରତୀୟ ସେନା, ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଉଦ୍ୟୋଗ ଜଗତକୁ ପ୍ରଶଂସା କରିଛନ୍ତି। ପ୍ରଳୟ କ୍ଷେପଣାସ୍ତ୍ରର ସଫଳ ଉତକ୍ଷେପଣ ଫଳରେ ଏହାର ବିଶ୍ୱସନୀୟତା ପ୍ରତିଷ୍ଠିତ ହୋଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

# ନ୍ୟୁ ଇୟର

ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ରାଷ୍ଟ୍ର କିରିବାଟି ନୂତନ ବର୍ଷ ୨୦୨୬କୁ ସ୍ୱାଗତ କରିବାରେ ବିଶ୍ୱର ପ୍ରଥମ ଦେଶ ହୋଇପାରିଛି। ଦ୍ୱୀପପୁଞ୍ଜରେ ଘଣ୍ଟାରେ ସମୟ ମଧ୍ୟରାତ୍ରିକୁ ଛୁଇଁବା ପରେ ବିଶ୍ୱବ୍ୟାପୀ ନୂତନ ବର୍ଷ ଉତ୍ସବର ଆନୁଷ୍ଠାନିକଭାବେ ଆରମ୍ଭ ହୋଇଛି।

ବିଶ୍ୱବ୍ୟାପୀ ଆତସବାଜି ପ୍ରଦର୍ଶନ ସହ ନୂଆବର୍ଷକୁ  ସ୍ୱାଗତ କରାଯାଇଛି। ଅଷ୍ଟ୍ରେଲିଆର ସିଡନୀ ବନ୍ଦର ଠାରୁ ଆରମ୍ଭ କରି ବ୍ରାଜିଲର ରିଓ ଡି ଜେନେରିଓର କୋପାକାବାନା ବେଳାଭୂମି ପର୍ଯ୍ୟନ୍ତ ସାରା ବିଶ୍ୱରେ ଆତସବାଜୀ ପ୍ରଦର୍ଶନୀ ଆକାଶକୁ ଆଲୋକମୟ କରିଥାଏ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂତନ ବର୍ଷ ୨୦୨୬ର ପୂର୍ବ ସନ୍ଧ୍ୟାରେ ଦେଶ ତଥା ବିଦେଶର ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ନୂତନ ବର୍ଷ ନୂତନ ଶକ୍ତି ଓ ସକାରାତ୍ମକ ପରିବର୍ତ୍ତନର ପ୍ରତୀକ, ଆତ୍ମ-ପ୍ରତିଫଳନ ଏବଂ ନୂତନ ସଂକଳ୍ପ ପାଇଁ ଏକ ସୁଯୋଗ ଭାବେ କାର୍ଯ୍ୟ କରେ। ରାଷ୍ଟ୍ରପତି ମୁର୍ମୁ ଦେଶର ବିକାଶ, ସାମାଜିକ ସୌହାର୍ଦ୍ଦ୍ୟ ଏବଂ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ୨୦୨୬ ସମସ୍ତଙ୍କ ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧି ଆଣିବା ସହ ଏକ ଶକ୍ତିଶାଳୀ ତଥା ସମୃଦ୍ଧ ଭାରତ ଗଠନ ପାଇଁ ନୂତନ ଶକ୍ତି ପ୍ରଦାନ କରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି।

# ଶିବରାଜ– ବିକଶିତ ଭାରତ

ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ମନରେଗାରେ ନିୟୋଜିତ ଶ୍ରମିକମାନଙ୍କ ନିଯୁକ୍ତି ନୂତନ ଭାବେ ଲାଗୁ ହୋଇଥିବା ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ) – ଭି.ବି.–ଜି.ରାମ.ଜି. ଆଇନ– ୨୦୨୫ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ। ସାରା ଦେଶରେ କାର୍ଯ୍ୟରତ ମନରେଗା କାର୍ଯ୍ୟକର୍ତ୍ତାଙ୍କ ପ୍ରତିନିଧିମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଏକ ଜାତୀୟ ସ୍ତରୀୟ ଆଲୋଚନାରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଏହା କହିଛନ୍ତି। ଏହି ବାର୍ତ୍ତାଳାପ ସମୟରେ, ଉପସ୍ଥିତ ପ୍ରତିନିଧିମାନେ ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ) ଆଇନ, ୨୦୨୫ ପାଇଁ ଗ୍ୟାରେଣ୍ଟିକୁ ସ୍ୱାଗତ କରିଥିଲେ। ମଜୁରୀ ଏବଂ ସମ୍ମାନ ପ୍ରଦାନ ବିଷୟରେ ଉଠାଯାଇଥିବା କିଛି ନିର୍ଦ୍ଦିଷ୍ଟ ପ୍ରଶ୍ନ ଉପରେ ଆଲୋକପାତ କରି ଶ୍ରୀ ଚୌହାନ ନୂତନ ଢାଞ୍ଚା ମାଧ୍ୟମରେ ପ୍ରମୁଖ ଅଭିବୃଦ୍ଧି ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

ପ୍ରଶାସନିକ ଖର୍ଚ୍ଚର ସୀମାକୁ ପୂର୍ବର ୬ ପ୍ରତିଶତରୁ ୯ ପ୍ରତିଶତକୁ ବୃଦ୍ଧି କରାଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶବ୍ୟାପୀ ୪୫ ହଜାରରୁ ଅଧିକ ସ୍ଥାନର ୨ ଲକ୍ଷରୁ ଅଧିକ ମନରେଗା କର୍ମୀ ଅଂଶଗ୍ରହଣ କରିଥିଲେ ବୋଲି ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ କହିଛି।

# ବାଂଲାଦେଶ– ଖାଲିଦା ଜିଆ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି– ବି.ଏନ୍.ପି.ର ଅଧ୍ୟକ୍ଷା ବେଗମ ଖାଲିଦା ଜିଆଙ୍କର ଆଜି ଢାକାର ମାଣିକ ମିଆ ଆଭେନ୍ୟୁରେ ରାଷ୍ଟ୍ରୀୟ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦୀର୍ଘ ଦିନ ଧରି ଅସୁସ୍ଥ ରହିବା ପରେ ମଙ୍ଗଳବାର ଦିନ ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ଦେହାନ୍ତ ହୋଇଥିଲା। ଜାତୀୟ ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ତାଙ୍କର ନମାଜ-ଏ-ଜନାଜା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସ, ଅନ୍ତରୀଣ ସରକାରଙ୍କ ସଦସ୍ୟ, ବି.ଏନ୍.ପି. ନେତା, ଅନ୍ୟ ରାଜନୈତିକ ଦଳର ନେତା ଏବଂ ତିନି ସଶସ୍ତ୍ର ସେବାର ମୁଖ୍ୟମାନେ ଯୋଗ ଦେଇଥିଲେ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସମେତ ବହୁ ବିଦେଶୀ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ନେପାଳ, ଶ୍ରୀଲଙ୍କା, ପାକିସ୍ତାନ ଏବଂ ଅନ୍ୟ ଦକ୍ଷିଣ ତଥା ଦକ୍ଷିଣ ପୂର୍ବ ଏସୀୟ ଦେଶଗୁଡ଼ିକର ପ୍ରତିନିଧିମାନେ ମଧ୍ୟ ସେମାନଙ୍କର ଅନ୍ତିମ ସମ୍ମାନ ଜଣାଇବା ପାଇଁ ଉପସ୍ଥିତ ଥିଲେ। ରାଜଧାନୀର ସେର୍-ଏ-ବାଂଲା ନଗରରେ ଖାଲିଦା ଜିଆଙ୍କୁ ତାଙ୍କ ସ୍ୱାମୀ ତଥା ପୂର୍ବତନ ରାଷ୍ଟ୍ରପତି ଜିଆ ଉଲ୍ ରହମାନଙ୍କ ପାଖରେ କବର ଦିଆଯାଇଥିଲା। ଥଣ୍ଡା ପାଗ ସତ୍ତ୍ୱେ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ହଜାର ହଜାର ଲୋକ ଏକତ୍ରୀତ ହୋଇଥିଲେ।

# ଲେବର ଏମ୍ପ୍ଲୋଏମେଣ୍ଟ– ସ୍ତ୍ରୀ

କର୍ମଚାରୀ ରାଜ୍ୟ ବୀମା ନିଗମ– ଇ.ଏସ୍.ଆଇ.ସି. ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପଞ୍ଜିକରଣ ପ୍ରୋତ୍ସାହନ ଯୋଜନା, 'ସ୍ତ୍ରୀ-୨୦୨୫'କୁ ଏକ ମାସ ପାଇଁ ବୃଦ୍ଧି କରିଛି। ଏହାଦ୍ୱାରା ନିଯୁକ୍ତିଦାତାମାନଙ୍କୁ ପୂର୍ବ ଦାୟିତ୍ୱ ବିନା ଯୋଗଦେବାକୁ ଅଧିକ ସମୟ ଦିଆଯିବ। ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ କହିଛି, ଏକ ମାସର ସମ୍ପ୍ରସାରଣ ସମାବେଶୀ ଏବଂ ସରଳୀକୃତ ଅନୁପାଳନ ପାଇଁ ଇ.ଏସ୍.ଆଇ.ସି.ର ପ୍ରୟାସକୁ ସୁଦୃଢ଼ କରିଥାଏ, ଯାହାଦ୍ୱାରା ଦେଶରେ ସାମାଜିକ ସୁରକ୍ଷା ପରିସର ସମ୍ପ୍ରସାରିତ ହୋଇଥାଏ। ଏହି ସମ୍ପ୍ରସାରଣ ସହିତ ନିଯୁକ୍ତିଦାତାଙ୍କ ପାଖରେ ଇ.ଏସ୍.ଆଇ.ସି., ଶ୍ରମ ସୁବିଧା ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ପୋର୍ଟାଲ ମାଧ୍ୟମରେ ସେମାନଙ୍କର ବ୍ୟବସାୟ ଏବଂ କର୍ମଚାରୀଙ୍କୁ ଡିଜିଟାଲ୍ ଭାବରେ ପଞ୍ଜିକରଣ କରିବାକୁ ଅତିରିକ୍ତ ସମୟ ରହିବ, ପଞ୍ଜୀକରଣ ନିଯୁକ୍ତିଦାତାଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ତାରିଖ ଠାରୁ କାର୍ଯ୍ୟକାରୀ ହେବ।